


# ରାମନାଗୁଡା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



ରାମନାଗୁଡା(ପି.ଏନ): ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ କାର୍ଯ୍ୟାଳୟର ସଭାଗୃହ ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ନିର୍ଦ୍ଦେଶରେ ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି ଶିବିର ରେ ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ କୁମାର, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହତା, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ସିଡିଏମଓ ପ୍ରଫୁଲ୍ଲ କୁମାର ପାଢ଼ୀ,ରାମନାଗୁଡା ବ୍ଲକ ଅଧକ୍ଷ ରବି ଶଙ୍କର ଗମାଙ୍ଗ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ । ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନଙ୍କ ତତ୍ତ୍ୱାବଧାନ ରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୨୩ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୧୬ଟି ବ୍ୟକ୍ତିଗତ, ୦୬ଟି ସାମୁହିକ, ଗୋଟିଏ ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା ।

ଏହି ଅଭିଯୋଗ ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ବିଷ୍ଣୁ ପ୍ରସାଦ କର, ଜିଲ୍ଲା ପ୍ରାଣିଧନ ଚିକସ୍ଛା ଅଧିକାରୀ ଡାକ୍ତର ଦେବରାଜ ନାୟକ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦାମୋଦର ପାଣିଗ୍ରାହୀ, ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଶିବଶଙ୍କର ଚୌଧୁରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅମୂଲ୍ୟ ଚିନ୍ନାର, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ରାମନାଗୁଡା ତହସିଲଦାର, ରାମନଗୁଡା ପ୍ରାଣ କୃଷ୍ଣ ପାଣିଗ୍ରାହୀ,ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ମିଶ୍ର ଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦାନ କରି ଅଭିଯୋଗ ମାନ ଶୁଣାଣୀ କରିଥିଲେ କ୍ଷଏହି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଆଶ୍ଚର୍ଯ୍ୟର କଥା ହେଲା ୨୩ ଗୋଟି ଅଭିଯୋଗ କାରୀଙ୍କ ମଧ୍ୟରୁ ଏପ୍ରିଲ ମାସ ୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ରେ ପଞ୍ଜିକରଣ କ୍ରମାଙ୍କ ସଂଖ୍ୟା ୨୧/୬୯୩ ରେ ରାୟଗଡା ଜିଲ୍ଲା ଗୁଣୁପୁର ର ଆଇନଜୀବୀ ହିମକାନ୍ତ ମହାପାତ୍ର ମଧ୍ୟ ଅଭିଯୋଗ କରିଥିଲେ ସେ ଗୁଣୁପୁର ମୌଜାର ଖାତା ନମ୍ବର ୩୨୧/୪୫୫୩,ପ୍ଲଟ ନମ୍ବର ୯୮୭/୧୭୨୦ ଓ ପ୍ଲଟ ନମ୍ବର ୯୮୫/୧/୧୭୧୯ ରେ ମୋଟ ଏକର ୦.୦୪ ସେ[ ଜମି କ୍ରୟ କରି ଘରବାରୀ କରିଛନ୍ତି ଘର ତିଆରି କରିବା ଉଦ୍ଦେଶ୍ୟରେ ଜମି ଚିହ୍ନଟ ମାମଲା ନମ୍ବର ୬୦/୧୬ ତା ୦୧:୦୭:୨୦୧୬ ରିଖ ରେ ସରକାରୀ ଫିଜ ଦାଖଲ କରି ଉକ୍ତ ଦିନ ଠାରୁ ଗୁଣୁପୁର ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଆରମ୍ଭ କରି ତହସିଲଦାର, ଉପ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଜମି ଚିହ୍ନଟ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ବିଜେଡି ସରକାର ଠାରୁ ଆରାମ୍ଭ କରି ଭାଜପା ସରକାର ପର୍ଯ୍ୟନ୍ତ ନିଜ ଜମି ଚିହ୍ନଟ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇ ପଡ଼ିଥିବା ଆଇନଜୀବୀ ହିମକାନ୍ତ ମହାପାତ୍ର କହିଛନ୍ତି ।ସେହିପରି ସେ ଜଣେ ପେଷାରେ ଆଇନଜୀବୀ ହୋଇଥିଲେ ମଧ୍ୟ ରାଜସ୍ୱ ବିଭାଗ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଅଧିକାରୀ ମାନଙ୍କ ପର୍ଯ୍ୟନ୍ତ ଆଜିକୁ ୯ ବର୍ଷ ଧରି ସଂଘର୍ଷ କରି କାହାକୁ ଗୁହାରି କରିଲେ ମଧ୍ୟ କେହି ଶୁଣୁ ନଥିବା ବେଳେ ଜଣେ ସାଧାରଣ ଲୋକ ର ଗୁହାରି କିପରି ସମାଧାନ ହେଉଥିବ ମୋ ଘଟଣା ରୁ ସହଜେ ଅନୁମେୟ ବୋଲି ଅଭିଯୋଗ କରିଛନ୍ତି । ଯଦି ଜମି ଚିହ୍ନଟ ସମ୍ପର୍କରେ ଆର ଆଇ କିମ୍ବା ତହସିଲଦାର ଙ୍କୁ କହିଲେ ପୁରୁଣା କଥା ଆମେ ଜାଣିନାହୁଁ ବୋଲି କହୁଥିବା ବେଳେ ଉକ୍ତ କେସ ରେକର୍ଡ ର ସାର୍ଟିଫାଇଡ଼ କପି ମାଗିଲେ ମଧ୍ୟ ରେକର୍ଡ ନାହିଁ ବୋଲି ଗୁଣୁପୁର ତହସିଲଦାର କହିଥିବା ଆଇନଜୀବୀ ଶ୍ରୀ ମହାପାତ୍ର କହିଛନ୍ତି । ଗୁଣୁପୁର ରାଜସ୍ୱ ନିରୀକ୍ଷକ ଜମି ଚିହ୍ନଟ ପାଇଁ ଖାତାଦାର ଙ୍କୁ ସ୍କେଚ ମ୍ୟାପ ମାଗୁଛନ୍ତି କିନ୍ତୁ କାର୍ଯ୍ୟାଳୟ ରେ ଥିବା ମ୍ୟାପ କୁ ଖୋଜୁ ନାହାନ୍ତି ବୋଲି କହିଥିବା ବେଳେ ଜମି ଚିହ୍ନଟ ପାଇଁ ପୁରୁଣା ମାମଲା ଗୁଡିକ ପଡିରହିଥିବା ସ୍ଥଳେ ନୂତନ ଜମି ଚିହ୍ନଟ କିପରି ହେଉଛି ବୋଲି ଅଭିଯୋଗ କରିଛନ୍ତି ।ତେବେ ଆଇନଜୀବୀ ଶ୍ରୀ ହିମକାନ୍ତ ମହାପାତ୍ରଙ୍କ ଭଳି ଅନେକ ଅଭିଯୋଗ କାରୀଙ୍କ ଅଭିଯୋଗ ର କେବେ ସମାଧାନ ହେବ ତାହା ଦେଖିବାକୁ ବାକି ରହିଲା ।ଅନ୍ୟ ମାନଙ୍କ ମଧ୍ୟରେ ସହକାରି ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ରାମନାଗୁଡା ଥାନା ଅଧିକାରୀ ସଦଳବଳେ ଘଟଣା ସ୍ଥଳରେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।

# 'ପଶ୍ଚିମ'ର ୱେବ ସିରିଜ ପାଇଁ ମେଗା ଅଡିସନ୍ ଅନୁଷ୍ଠିତ,୭୦ ଜଣ କଳାକାର ଯୋଗ ଦେଲେ



ସୁବର୍ଣ୍ଣପୁର, (ପି.ଏନ): ପଶ୍ଚିମ ଓଡିଶାର କଳା, ସଂସ୍କୃତି, ପରମ୍ପରା ଏବଂ ଦୈନନ୍ଦିନ ଘଟଣାବଳିକୁ ନେଇ ଖୁବ୍ ଶୀଘ୍ର ପଶ୍ଚିମ ମିଡିଆ ନେଟୱାର୍କ ପକ୍ଷରୁ ଏକ ଓଟିଟି ପ୍ଲାଟଫର୍ମ ଆରମ୍ଭ ହେବାକୁ ଯାଉଛି । ଓଡିଶାରେ ପ୍ରଥମ ଥର ପାଇଁ ଏହି ଓଟିଟି ପ୍ଲାଟଫର୍ମରେ ଉଭୟ ନ୍ୟୁଜ୍ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରସାରଣ ହେବ । ଏହି ସଂସ୍ଥାର ପ୍ରଥମ ପ୍ରଯୋଜନାରେ ପଶ୍ଚିମ ଓଡିଶାର ଗୋଟିଏ ନିଛକ କଥାବସ୍ତୁକୁ ନେଇ ଏକ ମେଗା ୱେବ ସିରିଜ୍ ନିର୍ମାଣ ହେବ । ଏହି ୱେବ ସିରିଜରେ ଅଭିନୟ ପାଇଁ ସୋନପୁର ବ୍ଲକ ଛକ ସ୍ଥିତ ରୟାଲ କନଭେନ୍ ?ସନ୍ ପରିସରରେ ଏକ ମେଗା ଅଡିସନ୍ ଅନୁଷ୍ଠିତ ହୋଇଛି । ଏହି ମେଗା ଅଡିସନ୍ କାର୍ଯ୍ୟକ୍ରମରେ ସମ୍ବଲପୁର, ବଲାଙ୍ଗିର, ସୋନପୁର, ବରଗଡ, ବୌଦ୍ଧ, କଳାହାଣ୍ଡି, ନୂଆପଡା, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ ଆଦି ଜିଲ୍ଲାର ପ୍ରାୟ ୭୦ ଜଣ ବଛା ବଛା କଳାକାର ଯୋଗ ଦେଇ ନିଜ ନିଜ ଅଭିନୟର ଯାଦୁ ଦେଖାଇ ଥିଲେ । କଳାକାର ଚୟନ ବେଳେ ଏନ୍ଏସ୍ଡିଆନ ତଥା ବଲିଉଡ ଅଭିନେତା ଜଗନ୍ନାଥ ସେଠ ଏବଂ ନାଟ୍ୟଶ୍ରୀ ଗଦାଧର ବାରିକ ବିଚାରକ ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାନସୀ ପାଣିଗ୍ରାହୀ, ଡିଓପି ଗୋପାଳ ପ୍ରଧାନ, କଣ୍ଠଶିଳ୍ପୀ ପଙ୍କଜ ଜାଲ, ଅଭିନେତା ତଥା ସଂଳାପ ଲେଖକ ବବଲୁ ବାଘ,ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରୁ ସଂସ୍ଥାର ଚେୟାରମ୍ୟାନ ଶୁଭାଶିଷ ରଥ ଯୋଗ ଦେଇ କଳା ବଂଚିଲେ କଳାକାର ବଂଚିବ ବୋଲି କହିଥିଲେ । ପଶ୍ଚିମ ଓଡିଶାର ବିଭିନ୍ନ ଅଂଚଳରେ ବହୁ ପ୍ରତିଭାବାନ କଳାକାର ରହିଛନ୍ତି । ତାଙ୍କୁ ଲୋକ ଲୋଚନକୁ ଆଣି ଆର୍ଥିକ ସ୍ୱଚ୍ଛଳ କରିବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ । ସଂସ୍ଥାର ନିର୍ଦ୍ଦେଶକ ଶିବରାମ ମହାପାତ୍ର, ସାମ୍ବାଦିକ ଗଣପତି ବାଘ, ଧରଣୀଧର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମକୁ ସିନେ ଅଭିନେତା ଜିତ୍ ଏବଂ ସୁଶୋଭିତା ସଂଚାଳନ କରିଥିଲେ । ମେଗା ଅଡିସନ୍ ଆୟୋଜନରେ ମନୋଜ ବାରିକ, ଦେବକୀନନ୍ଦନ ମିଶ୍ର,ବାସୁଦେବ ତ୍ରିପାଠୀ, ଅବକାଶ ମିଶ୍ର, କୌଶିକ୍,ନରେନ୍, ମାନଭଞ୍ଜନ ପୂଜାରୀ, ଗୋପାଳ ମହାକୁଡ, ନାରଦ ହାତୀ, ପ୍ରମୁଖ ସହଯୋଗ କରିଥିଲେ ।

# ତରଭା ପଂଚାୟତ ସମିତି ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସୁବର୍ଣ୍ଣପୁରଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




ସୁବର୍ଣ୍ଣପୁର,(ପି.ଏନ):ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୦ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୨୧ ଗୋଟି ବ୍ୟକ୍ତିଗତ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ, ୦୯ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି ।ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତରଭା ଶ୍ରୀ ଗଙ୍ଗାରାମ ବୁଡେକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ କୁମାର ମେହେର ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଂଚଳ ପରିଷଦ ତରଭା ସହ ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।




୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Thursday June 26 | ଭୁବନେଶ୍ୱର ଗୁରୁବାର, ୨୬, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ନେତାଜୀ ସୁବାଷ ସ୍ମାରକୀ ମହାବିଦ୍ୟାଳୟରେ ସମ୍ବିଧାନ ହତ୍ୟା ଦିବସ ପାଳିତ




କଟକ , ତା ୨୫/୬; ନେତାଜୀ ସୁବାଷ ସ୍ମାରକୀ ମହାବିଦ୍ୟାଳୟରେ ଆଜି ସମ୍ବିଧାନ ହତ୍ୟା ଦିବସ ପାଳିତ ହୋଇ ଯାଇଛି ! ଏହି ଉପଲକ୍ଷେ ୧୯୭୫ ର ଜରୁରୀ କାଳୀନ ପରିସ୍ଥିତିର ପୃଷ୍ଠଭୂମିରେ ବ୍ୟକ୍ତି ସ୍ୱାଧୀନତା ର ଉଲଂଘନ ଓ ଗଣତାନ୍ତ୍ରିକ ଅନୁଷ୍ଠାନ ର ସଙ୍କୋଚନ ସମସ୍ୟା ଆଦି ଆଲୋଚନା ହେବା ସହିତ 'ସମ୍ବିଧାନ ର ମୁଖବନ୍ଧ 'ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ! ମହାବିଦ୍ୟାଳୟ ର academic bursar ତଥା ରସାୟନ ବିଭାଗ ର ରିଡର୍ ଡକ୍ଟର ସନ୍ତୋଷ ସାମଲଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଆଲୋଚନା ଚକ୍ର କୁ ରାଜନୀତି ବିଜ୍ଞାନ ଅଧ୍ୟାପିକା ଅନନ୍ୟା ଅସ୍ମିତା ସଂଯୋଜନା କରିଥିଲେ ! ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡକ୍ଟର ହରିଶ୍ଚନ୍ଦ୍ର ବେହେରା , ରାଜନୀତି ବିଜ୍ଞାନ ଅଧ୍ୟାପକ ଅରୁଣ ଦାସ ,ଅର୍ଥନୀତି ବିଭାଗ ଅଧ୍ୟାପିକା ଅଜନ୍ତା ଦାସ ,ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପିକା ହରପ୍ରିୟା ଦାସ ,ଓଡିଆ ବିଭାଗ ଅଧ୍ୟାପିକା ନିବେଦିତା ରାଉତ ,ରସାୟନ ବିଭାଗ demonstrator ଦେବେନ୍ଦ୍ର ସାହୁ ପ୍ରମୁଖ , ସମ୍ବିଧାନର ମୁଖବନ୍ଧରେ ନିବନ୍ଧିତ/ ପ୍ରଦତ୍ତ ଆଭିମୁଖ୍ୟ ଗୁଡ଼ିକ ବିଷୟରେ ଆଲୋକପାତ କରିବାସହ ଛାତ୍ର ଛାତ୍ରୀ ମାନେ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଜାଗ ରହିବା ଓ ପାଳନ କରିବା ସହ ସମାଜରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ । ଏଥିରେ ଅନେକ ଛାତ୍ର ଛାତ୍ରୀ , ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ମାନେ ଅଂଶ ଗ୍ରହଣ କରିଥିଲେ ।

## ବର୍ତ୍ତମାନ ଯୁଗରେ କୋଚିଂ ଏକ ଭଲ ବ୍ୟବସାୟ



ବଲାଙ୍ଗୀର,ପି.ଏନ : ବର୍ତ୍ତମାନ ଯୁଗରେ କୋଚିଂ ଏକ ଭଲ ବ୍ୟବସାୟ ।ଏହି ବ୍ୟବସାୟ କୁ ଲୋକେ ନିଜର ରୋଜଗାରର ମାଧ୍ୟମ କରି ହଜାର ହଜାର ଟଙ୍କା କମାଉଛନ୍ତି । କିନ୍ତୁ ବଲାଙ୍ଗୀର ଜିଲ୍ଲା ରାମଚନ୍ଦ୍ରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟରତ ଅଭୟ ଚରଣ ତ୍ରିପାଠୀ ଟିକେ ଭିନ୍ନ । ସେ କୋଚିଂ କୁ ସେବା ଭାବି ଦେଇଚାଲିଛନ୍ତି ମାଗଣା ଶିକ୍ଷା । ଉଭୟ ଅଫଲାଇନ୍ ଓ ଅନଲାଇନ୍ ମାଧ୍ୟମରେ ତାଙ୍କର ଏହି କାର୍ଯ୍ୟ ବେଶ୍ ଭଲ ଭାବରେ କରିଚାଲିଛନ୍ତି ସେ । ଯାହା ଦ୍ୱାରା ପ୍ରତ୍ୟେକ ଦିନ ପ୍ରାୟ ୨୦୦ ଛାତ୍ର ଛାତ୍ରୀ ଅଫଲାଇନ୍ ଓ ୩୦-୪୦ ଜଣ ଅନଲାଇନ୍ ରେ ଉପକୃତ ହେବା ସହିତ ଗତ ୬ ବର୍ଷ ରେ ପାଖାପାଖି ୯୦୦ ରୁ ଅଧିକ ଛାତ୍ର ଛାତ୍ରୀ ଯୋଡ଼ି ହୋଇ ସାରିଲେଣି ।ଯାହା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଗହଣରେ ବେଶ୍ ଗ୍ରହଣ ଯୋଗ୍ୟ ହୋଇଅଛି । ଦେଓଗାଁ ବ୍ଲକର ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ବରକାନୀ ଗ୍ରାମର ଶ୍ରୀଯୁକ୍ତ ଦ୍ୱାରୁ ତ୍ରିପାଠୀ ଓ ଶ୍ରୀମତୀ କୁମୁଦିନୀ ତ୍ରିପାଠୀଙ୍କ ସାନ ପୁଅ ଅଭୟ ନିଜ ବଡ଼ ଭାଇ ଶ୍ରୀ ପ୍ରଦୀପ କୁମାର ତ୍ରିପାଠୀଙ୍କ ଦିଗ୍ ଦର୍ଶନ ରେ ନିଜ ଗ୍ରାମ ବିଦ୍ୟାଳୟରୁ ପାଠ ପଢା ଆରମ୍ଭକରିବା ପରେ ନେତ୍ର ଭାନୁ ଉଚ୍ଚ ବିଦ୍ୟାଳୟରେ ଦଶମ ପର୍ଯ୍ୟନ୍ତ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଯୁକ୍ତ ଦୁଇ, ପୁରୀ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଯୁକ୍ତ ତିନି ସାରି ବିଏଡ୍ କରି ଥିଲେ । ସେ ଦୁଇଟି ଭାଷା ଇଂରାଜୀ ଓ ସଂସ୍କୃତରେ ପିଜି ମଧ୍ୟ କରି ସାରିଛନ୍ତି ।୨୦୧୯ ମସିହାରେ ରାମଚନ୍ଦ୍ରପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତି ପାଇବା ପରେ ପୂର୍ବ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ପର୍ଶୁରାମ ଧରୁଆ ଓ ବର୍ତ୍ତମାନ ର ପ୍ରଧାନ ଶିକ୍ଷୟିତ୍ରୀ ସୁଲତା ପଣ୍ଡା ତଥା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରେରଣାରେ ନବମ ଦଶମ ଶ୍ରେଣୀ ଛାତ୍ରୀ ମାନଙ୍କୁ ମାଗଣା କୋଚିଂ କାର୍ଯ୍ୟକ୍ରମ ଆରମ୍ଭ କରି ଥିଲେ ।କରୋନା ଭଳି ଦୁଃସହ ସ୍ଥିତିରେ ମଧ୍ୟ ସେ ଅନଲାଇନ ମାଧ୍ୟମରେ ଏହାକୁ ଚାଲୁ ରଖିଥିଲେ । ଏହାଦ୍ୱାରା ଏସ୍ ସି ଓ ଏସ୍ ଟି ଛାତ୍ରୀ ମାନଙ୍କ ଶିକ୍ଷାର ଅନେକ ମାନ ବୃଦ୍ଧି ହଉଛି । ଏହା ବ୍ୟତୀତ ବିଦ୍ୟାଳୟର କ୍ରୀଡା ଶିକ୍ଷକର ଅଭାବ ଯୋଗୁଁ ନିଜେ ଦାୟିତ୍ୱ ନେଇ କ୍ରୀଡା କ୍ଷେତ୍ରରେ ମଧ୍ୟ ବିଦ୍ୟାଳୟ ପାଇଁ ଅନେକ ସୁନାମ ଅର୍ଜନ କରିଛନ୍ତି । ତାଙ୍କ ନେତୃତ୍ୱରେ ଜୋନ ସ୍ତରୀୟ ଭଲିବଲ୍ ପ୍ରତିଯୋଗିତାରେ ବିଦ୍ୟାଳୟ ଚାମ୍ପିଅନ ହେବାରେ ସଫଳ ହୋଇଥିବା ବେଳେ ଗତ ଦୁଇ ବର୍ଷରେ ଉଭୟ ଆଦିବାସୀ ହରିଜନ କଲ୍ୟାଣ ବିଭାଗ ଓ ଗଣ ଶିକ୍ଷା ବିଭାଗର ବିଭିନ୍ନ ଖେଳକୁଦ ପ୍ରତିଯୋଗୀତାରେ ୧୫ ଜଣ ଛାତ୍ରୀ ରାଜ୍ୟ ସ୍ତରକୁ ଉତ୍ତୀର୍ଣ୍ଣ ହୋଇ ପାରିଛନ୍ତି । ଏହା ସହ ସମଗ୍ର ଓଡ଼ିଶାର ଅନେକ ଛାତ୍ରଛାତ୍ରୀଙ୍କୁ ଅନଲାଇନ୍ ମାଧ୍ୟମରେ ମାଗଣା କୋଚିଂ ପ୍ରଦାନ କରି ଅନେକ ଛାତ୍ରଛାତ୍ରୀଙ୍କୁ ସିଟି ଏବଂ ବିଏଡ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ କରାଇବା ସହ ଅନେକ ପିଲାଙ୍କ ନିଯୁକ୍ତି ରେ ମଧ୍ୟ ସହାୟକ ହୋଇ ପାରିଛନ୍ତି ।ଏହି ସବୁ କାର୍ଯ୍ୟ ପାଇଁ ତାଙ୍କୁ ଗତ ବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମଧ୍ୟ ପ୍ରଦାନ କରା ଯାଇଥିଲା । ପୁନଶ୍ଚ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ ମଧ୍ୟ କରା ଯାଇଛି ଯଥା ଭୀମ ପାହାଡ଼ ଆଦର୍ଶ ଶିକ୍ଷକ ସମ୍ମାନ, ଅର୍କଶ୍ରୀ ଶିକ୍ଷା ସେବୀ ସମ୍ମାନ(କୋଣାର୍କ), ତେଜସ୍ୱିନୀ ପ୍ରତିଭା ସମ୍ମାନ(ବଲାଙ୍ଗୀର), ଭାରତୀୟ ସାହିତ୍ୟ ଓ ସଂସ୍କୃତି ସାଂସଦ, ସମ୍ବଲପୁର ଦ୍ୱାରା ଆଦର୍ଶ ଶିକ୍ଷକ ସମ୍ମାନ, ସୋମ ଫାଉଣ୍ଡେସନ ଦ୍ୱାରା ମାଟି ଗୌରବ ସମ୍ମାନ , ମାଟିଲଗ୍ନା ସମର୍ପିତ ସେବା ସମ୍ମାନ ଆଦି । ତାଙ୍କର ବିଶ୍ୱାସ ଶିକ୍ଷା ହିଁ ଏକମାତ୍ର ପନ୍ଥା ଯାହାଦ୍ୱାରା ସମାଜ ରୁ ଗରିବୀ, ଅନ୍ୟାୟ ଓ କୁସଂସ୍କାର କୁ ଦୂର କରି ପାରିବ । ତେଣୁ ଏହି ଅଧିକାର ସମସ୍ତେ ପାଇବା ଯୋଗ୍ୟ । ଏଣୁ ଶିକ୍ଷାସେବା ମାର୍ଗ ର ବ୍ରତୀ ହେବା ନିମନ୍ତେ ସେ ପ୍ରୟାସ ରତ । ଏସବୁ ଭିତରେ ତାଙ୍କର ନିଶା ହେଉଛି ସାହିତ୍ୟ ସର୍ଜନା । ସେ ଓଡ଼ିଆ, ଇଂରାଜୀ,ହିନ୍ଦୀ, ସଂସ୍କୃତ ଓ ସମ୍ବଲପୁରୀ ଆଦି ପାଞ୍ଚଟି ଭାଷାରେ ସାହିତ୍ୟ ରଚନା କରି ପ୍ରାୟ ୫୦୦ ରୁ ଉର୍ଦ୍ଧ କବିତା ,ଗଳ୍ପ, ପ୍ରବନ୍ଧ ସୃଷ୍ଟି କରି ସାରିଛନ୍ତି । ସାହିତ୍ୟ ପାଇଁ ତାଙ୍କୁ ମାଟିଲଗ୍ନା ଚନ୍ଦନ ସମ୍ମାନ, ଟାଇମ୍ସ ଓ୍ୱାନ୍ କବିଶ୍ରୀ ସମ୍ମାନ, ମାଟିଲଗ୍ନା ଯୁବ କିଶଳୟ ସମ୍ମାନ ପ୍ରଦାନ କରା ଯାଇଛି । ଦେଓଗାଁ ସାହିତ୍ୟ ଘରର ସେ ଜଣେ ସକ୍ରିୟ ସଦସ୍ୟ । ନିକଟଭବିଷ୍ୟତରେ ଅନେକ ଗୁଡ଼ିଏ ପୁସ୍ତକ ପ୍ରକାଶିତ କରିବା ଲକ୍ଷ ରଖିଛନ୍ତି । ତାଙ୍କର ଏହି ସବୁ କାର୍ଯ୍ୟ ଆମ ସମସ୍ତଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରି ପାରିଛି ।

## ନବୀନଙ୍କର କ'ଣ ହୋଇଛି: ଭେଟିବାର ସୁଯୋଗ ପାଇଲେନି ଦଳୀୟ ନେତା, ପାଣ୍ଡିଆନଙ୍କ ଭିଡିଓ କଲରେ ହେଲେ ସନ୍ତୁଷ୍ଟ



ମୁମ୍ବାଇ,(ପି.ଏନ): ମୁମ୍ବାଇର କୋକିଳାବେନ୍ ଧୀରୁଭାଇ ହସ୍ପିଟାଲରେ ନିଜର ପ୍ରିୟ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିବାର ସୁଯୋଗରୁ ବଂଚିତ ହେଲେ ବିଜେଡି ନେତାମାନେ । ଗତ ୩ଦିନ ଧରି ଡେରା ପକାଇବା ସତ୍ତ୍ୱେ କିଏ ନବୀନଙ୍କ ରାଜନୀତିକ ସଚିବ ସନ୍ତୃପ୍ତ ମିଶ୍ରଙ୍କୁ ଭେଟି ସୋସିଆଲ ମିଡିଆରେ ଫଟୋ ଛାଡିଛନ୍ତି ତ ଆଉ କେହି ହସ୍ପିଟାଲର ଓଡିଆ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ସହ ଫଟୋ ଉଠାଇଛନ୍ତି । ଆଉ କେହି ହସ୍ପିଟାଲ ପରିସରରେ ଗ୍ରୁପ ଫଟୋ ଉଠାଇ ମୁମ୍ବାଇ ଯାଇଥିବାର ପ୍ରମାଣ ଦେଇଛନ୍ତି । ମାତ୍ର ଜଣେ ବି ବିଜେଡି ନେତା ହସ୍ପିଟାଲରେ ଚିକିତ୍ସାଧୀନ ନବୀନଙ୍କୁ ପ୍ରତ୍ୟକ୍ଷ ସାକ୍ଷାତ କରିବାର ସୁଯୋଗ ପାଇପାରିନଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି । ଅବଶ୍ୟ ୨-୩ଦିନର କସରତ ପରେ ଆଇସିୟୁରେ ଥିବା ନବୀନଙ୍କୁ ଭେଟିବାକୁ ମୁମ୍ବାଇ ଯାଇଥିବା ଦଳୀୟ ନେତାମାନେ ବୁଧବାର ମଧ୍ୟାହ୍ନରେ ବିଜେଡିର ଅଘୋଷିତ ସର୍ବ ?ସର୍ବା ଭିକେ ପାଣ୍ଡିଆନଙ୍କ ମୋବାଇଲ୍ ଫୋନରୁ ଏକ ଭିଡିଓ କଲ୍ ମାଧ୍ୟମରେ ନବୀନଙ୍କ ଝଲକ ଦେଖି ମନକୁ ବୁଝାଇଛନ୍ତି, ଆଉ ନିଜର ପ୍ରାୟୋଜିତ ଗଣମାଧ୍ୟମ ସଂସ୍ଥା ଜରିଆରେ ଦଳୀୟ ନେତାମାନେ ନବୀନଙ୍କୁ ପ୍ରତ୍ୟକ୍ଷ ଭେଟିଥିବାକୁ ନେଇ ଆଇମା ଗପ କହିବା ଭଳି ବୟାନ ଦେବାରେ ଲାଗିଛନ୍ତି ବୋଲି ଚର୍ଚ୍ଚା ହେଉଛି । ଦଳୀୟ ନେତାମାନଙ୍କର ଏଭଳି ବାହାସ୍ଫୋଟ ପରେ ପ୍ରକୃତରେ ନବୀନଙ୍କ ଶରୀରରେ କେଉଁଧରଣର ଅସ୍ୱ ?।ପଚାର ହୋଇଛି ଓ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଏବେ କିଭଳି ରହିଛି ତାକୁ ନେଇ ଆଶଙ୍କା ଓ ସୋସିଆଲ ମିଡିଆରେ ନାନାଦି ଚର୍ଚ୍ଚା ଜୋର ଧରିବାରେ ଲାଗିଛି ।

**ନବୀନଙ୍କ ସ୍ୱାସ୍ଥ୍ୟକୁ ନେଇ କାହିଁକି ଆସୁନି ନିୟମିତ ବୁଲେଟିନ୍ ?**

ଓଡିଶାର ସର୍ବାଧିକ ଲୋକପ୍ରିୟ ନେତା ତଥା ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ, ବର୍ତ୍ତମାନର ବିରୋଧୀ ଦଳ ସଦସ୍ୟ, ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଗତ ୧୮ତାରିଖରେ ନିଜର ଚିକିତ୍ସା ପାଇଁ ମୁମ୍ବାଇ ଯିବେ ବୋଲି ସୋସିଆଲ ମିଡିଆ ମାଧ୍ୟମରେ ସୂଚନା ଦେବାପରେ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା । ମୁଖ୍ୟମନ୍ତ୍ରୀ,କେନ୍ଦ୍ରମନ୍ତ୍ରୀ,ବିଶିଷ୍ଟ ନେତାମାନେ ଓ ବିଭିନ୍ନ ବର୍ଗର ଲୋକେ ତାଙ୍କର ଆଶୁଆରୋଗ୍ୟ କାମନା କରିଥିଲେ । ନବୀନଙ୍କ ସୂଚନା ମୁତାବକ ୨୨ତାରିଖରେ ମୁମ୍ବାଇସ୍ଥିତ କୋକିଳାବେନ୍ ହସ୍ପିଟାଲରେ ତାଙ୍କର 'ସର୍ଭିକାଲ ଆର୍ଥ୍ରାଇଟିସ ଅସ୍ୱ ?।ପଚାର' ହୋଇଥିଲା । ଏହି ଅସ୍ୱ ?।ପଚାର ପରେ ତାଙ୍କର ବ୍ୟକ୍ତିଗତ ଡାକ୍ତର ତଥା ବିଶିଷ୍ଟ ହୃଦରୋଗ ସର୍ଜନ ରମାକାନ୍ତ ପଣ୍ଡା ମଧ୍ୟ ନବୀନଙ୍କର ୪ଘଣ୍ଟାର ସଫଳ ଅସ୍ୱ ?।ପଚାର ହୋଇଥିବା ଓ ସେ ସୁସ୍ଥ ଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ୨୩ତାରିଖରେ ନବୀନଙ୍କ ବଡଭାଇ ପ୍ରେମ ପଟ୍ଟନାୟକ ଏକ ୩୬ସେକେଣ୍ଡର ଭିଡିଓ ବାର୍ତ୍ତା ଦେଇ ନବୀନଙ୍କ ସ୍ୱାସ୍ଥ୍ୟ ଭଲ ଥିବା ଓ ବାଥରୁମ୍ ପର୍ଯ୍ୟନ୍ତ ଚଲାବୁଲା କରୁଥିବାର ସୂଚନା ଦେଇଥିଲେ । ମାତ୍ର ବିଗତ ୨ଦିନ ଧରି ନବୀନଙ୍କ ସ୍ୱାସ୍ଥ୍ୟ ସଂକ୍ରାନ୍ତୀୟ କୌଣସି ସୂଚନା ସାର୍ବଜନୀନ କରାଯାଉ ନାହିଁ । ଏପରିକି ତାଙ୍କ ଦଳ ପକ୍ଷରୁ କୌଣସି ଆନୁଷ୍ଠାନିକ ପ୍ରେସ୍ ରିଲିଜ୍ କିମ୍ବା ବୟାନ ଗଣମାଧ୍ୟମକୁ ଦିଆଯାଉନାହିଁ । ହସ୍ପିଟାଲ କର୍ତ୍ତୃପକ୍ଷ ମଧ୍ୟ ନବୀନଙ୍କ ଭଳି ଜଣେ ଭିଭିଆଇପିଙ୍କ ଚିକିତ୍ସା ସଂକ୍ରାନ୍ତରେ କୌଣସି ବୁଲେଟିନ୍ ଜାରି କରୁନାହାନ୍ତି । ନିଜର ପ୍ରିୟନେତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଅପଡେଟ୍ ନିୟମିତ ବ୍ୟବଧାନରେ ଜାଣିବାକୁ ରାଜ୍ୟବାସୀ ଚାହିଁ ରହିଥିବାବେଳେ ବିଜେଡି କିମ୍ବା ହସ୍ପିଟାଲ କର୍ତ୍ତୃପକ୍ଷ କାହିଁକି ନିରବ ରହିଛନ୍ତି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।

**ଭିଡିଓ କଲରେ ସନ୍ତୁଷ୍ଟ ହେଲେ ବିଜେଡି ନେତା**

୨୨ତାରିଖରେ ନବୀନଙ୍କ ଅସ୍ୱ ?।ପଚାର ପରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଦେଖିବାକୁ ଦଳର ତଥାକଥିତ ଦୁଇନମ୍ବର ନେତା(ନବୀନଙ୍କ ଅନୁପସ୍ଥିତିରେ ସାଂଗଠନିକ ମୁଖ୍ୟ) ଦେବୀପ୍ରସାଦ ମିଶ୍ର ନିଜର ଏକ ଟିମ୍ ସହ ୨୩ତାରିଖରେ ମୁମ୍ବାଇ ଗସ୍ତ କରିଥିଲେ । ମାତ୍ର ଦୁଇଦିନ ଧରି ସେ ମୁମ୍ବାଇରେ ଡେରା ପକାଇବା ପରେ ତାଙ୍କୁ ନବୀନଙ୍କୁ ଭେଟିବାର ସୁଯୋଗ ମିଳିପାରିନଥିଲା । ଶେଷରେ ଦଳର 'ଯୁବ ଓ ଛାତ୍ର ସଂଗଠନ ଦ୍ୱାରା ୨୫ତାରିଖରେ କଲେଜ ଓ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ' କାର୍ଯ୍ୟକ୍ରମର ତଦାରଖ ନିମନ୍ତେ ସେ ୨୪ତାରିଖ ରାତିରେ ଭୁବନେଶ୍ୱର ଫେରି ଆସିବାକୁ ବାଧ୍ୟ ହୋଇଥିବା ଜଣାପଡିଛି ।

ସେହିପରି ଦଳୀୟ ବିଧାୟକ ସୌଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ରୂପେଶ କୁମାର ପାଣିଗ୍ରାହୀ ପ୍ରମୁଖ ନବୀନଙ୍କୁ ଭେଟିବାକୁ ହସ୍ପିଟାଲ ଯାଇଥିଲେ ମଧ୍ୟ ୨୪ତାରିଖରେ ନବୀନଙ୍କ ବଦଳରେ ତାଙ୍କ ରାଜନୀତିକ ସଚିବ ସନ୍ତୃପ୍ତ ମିଶ୍ରଙ୍କୁ ଭେଟି ସନ୍ତୁଷ୍ଟ ହୋଇଥିଲେ ।

ବିଜେଡିର ପ୍ରଭାବଶାଳୀ ନେତା ପ୍ରଣବପ୍ରକାଶ ଦାସ(ବବି),ସଞ୍ଜୟ ଦାସବର୍ମା, ସୁଶାନ୍ତ ରାଉତ, ସଞ୍ଜିବ ମଲ୍ଲିକ, ବିଶ୍ୱରଞ୍ଜନ ମଲ୍ଲିକ, ପ୍ରଣବ ବଳନ୍ତରାୟ ପ୍ରମୁଖ ୨୪ତାରିଖ ପୂର୍ବାହ୍ନରେ ନବୀନଙ୍କୁ ଭେଟିବାକୁ ମୁମ୍ବାଇ ଗସ୍ତରେ ଯାଇଥିଲେ । ସନ୍ଧ୍ୟାରେ ଆଉ କିଛି ଦଳୀୟ ନେତା ମଧ୍ୟ ମୁମ୍ବାଇ ଯାଇଥିଲେ । କିନ୍ତୁ ନବୀନଙ୍କୁ କେହି ଭେଟିବାର ସୁଯୋଗ ପାଇଲେ ନାହିଁ । ହସ୍ପିଟାଲ ପରିସରରେ ମାତ୍ର କିଛି ସେକେଣ୍ଡର ଭିଡିଓ କଲରେ ନବୀନଙ୍କ ଝଲକ ଦଳୀୟ ନେତାମାନେ ଦେଖିଲେ । ଆଉ ନବୀନ ମଧ୍ୟ ନିଜେ ଫିଟ୍ ଥିବା କହି ଭିଡିଓ କଲ୍ ଡିସକନେକ୍ଟ କଲେ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି । ସବୁଠୁ ବଡକଥା ହେଲା, ବିଜେଡିର ଅଘୋଷିତ ସର୍ବ ?ସର୍ବା ଭିକେ ପାଣ୍ଡିଆନ ହିଁ ଦଳୀୟ ନେତାମାନଙ୍କ ସହ ରହି ଏହି ଭିଡିଓ କଲ୍ କରିଥିଲେ । ନବୀନଙ୍କ ବଡଭାଇ ପ୍ରେମ ପଟ୍ଟନାୟକ ମଧ୍ୟ ସେହିସମୟରେ ଦଳୀୟ ନେତାମାନଙ୍କ ସହ ସେଠାରେ ଉପସ୍ଥିତ ଥିଲେ । ତେବେ କାହା ଫୋନକୁ ପାଣ୍ଡିଆନ ଭିଡିଓ କଲ୍ କରି ନବୀନଙ୍କ ଝଲକ ଦଳୀୟ ନେତାମାନଙ୍କୁ ଦେଖାଇଥିଲେ ତାହା ଜଣାପଡିନି । ତେବେ ପ୍ରଶ୍ନ ଉଠୁଛି,ଯଦି ଦଳୀୟ ନେତାମାନେ ଭିଡିଓ କଲରେ ନବୀନଙ୍କୁ ଦେଖିବାର ଥିଲା, ତାହା କ'ଣ ଭୁବନେଶ୍ୱରରେ ରହି ସମ୍ଭବପର ହୋଇପାରିନଥାନ୍ତା କି ବୋଲି ମଧ୍ୟ ଦଳୀୟ ମହଲରେ ଚର୍ଚ୍ଚା ହେଉଛି ।

**ଦଳୀୟ ନେତାଙ୍କ ବୟାନବାଜି: କାହାକୁ ବୁଝାଉଛନ୍ତି**

ମୁମ୍ବାଇ ଯାଇଥିବା ବିଜେଡିର ୨ଡଜନରୁ ଅଧିକ ଆଗଧାଡିର ନେତାମାନେ ବିଗତ ୩ଦିନ ଧରି ସବୁପ୍ରକାରର ପ୍ରୟାସ କରି ମଧ୍ୟ ନବୀନଙ୍କୁ ପ୍ରତ୍ୟକ୍ଷ ଭାବେ ଭେଟିବାର ସୁଯୋଗ ପାଇପାରିନାହାନ୍ତି । ଆଜି ଭିଡିଓ କଲରେ ନବୀନଙ୍କ ଝଲକ ଦେଖିବା ପରେ ନିଜର ଦଳୀୟ ପ୍ରାୟୋଜିତ ମିଡିଆରେ ଯେଉଁ ବୟାନବାଜି କରୁଛନ୍ତି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଦଳର ଏହି ବରିଷ୍ଠ ନେତାମାନେ ନିଜେ ନିଜ ମନକୁ ବୁଝାଉଛନ୍ତି ନା ନବୀନଙ୍କ ସମ୍ପର୍କରେ ଏଭଳି ବୟାନ ଦେବା ପାଇଁ କେହି ହୁଇପ୍ ଜାରି କରିଛନ୍ତି ତାହା ମଧ୍ୟ ଅସ୍ପଷ୍ଟ । ଦଳୀୟ ନେତାମାନେ ଯଦି ଭିଡିଓ କଲରେ ନବୀନଙ୍କୁ ଦେଖିବାର ଥିଲା ତା'ହେଲେ ୩ଦିନ ଧରି କାହିଁକି ସେଠାରେ ଡେରା ପକାଇଛନ୍ତି ତାହା ବି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦଳର ବରିଷ୍ଠ ନେତା ଅଶୋକ ଚନ୍ଦ୍ର ପଣ୍ଡା, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ ଦାସବର୍ମା, ମାନସ ମଙ୍ଗରାଜ, ବିକ୍ରମ ପଣ୍ଡା, ଚନ୍ଦ୍ରଶେଖର ସାହୁ ପ୍ରମୁଖ ମୁମ୍ବାଇରେ ଗଣମାଧ୍ୟମକୁ ବୟାନ ଦେଇ ସେମାନେ ନବୀନବାବୁଙ୍କୁ ଭେଟିଲେ ଓ ସେ ସୁସ୍ଥ ଅଛନ୍ତି ଓ ଖୁବଶୀଘ୍ର ଓଡିଶା ଫେରିବେ ବୋଲି କହିବା ଏବେ ରାଜନୀତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ନବୀନଙ୍କ ଚିକିତ୍ସା ସମେତ ତାଙ୍କର ଉତ୍ତରାଧିକାରୀ ଚୟନ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ବିଜେଡିର ଅଘୋଷିତ ସର୍ବ ?ସର୍ବା ନିଜେ ମୁମ୍ବାଇରେ ରହି ସବୁକିଛି ତଦାରଖ କରିବା ସହ ପରିବାର ସଦସ୍ୟଙ୍କ ମଧ୍ୟରେ ସହମତି ଆଣିବା ଦିଗରେ କାର୍ଯ୍ୟ କରୁଥିବା ମଧ୍ୟ ଜଣାପଡିଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray